# ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ବରଗଡ଼

(ସାଧାରଣ ଓ ବିବିଧ ବିଭାଗ )

ସଂଖ୍ୟା: ୧୮୪୪୦ /ସା.ଓ.ବି/ ତା ୧୭.୧୨ /୨୦୨୪ ରିଖ

ଏତଦ୍ଦ୍ୱାରା ବରଗଡ଼ ଜିଲ୍ଲାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଯେଉଁ କ୍ଷୁଦ୍ର ଜମାକାରୀମାନେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ତାଲିକା ଯଥା ମାନ୍ୟବର ତଦନ୍ତ କମିଶନ ଦ୍ୱାରା ସୁପାରିଶ ଏବଂ ଗୋଲଡେନ୍ ଲାଣ୍ଡ ଡେଭେଲପର ଗ୍ରୁପ ଅଫ୍ କମ୍ପାନିଜ୍ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ବିଭିନ୍ନ କାରଣ ବଶତଃ ଏଯାବତ୍ କ୍ଷତିପୂରଣ ପାଇନାହାନ୍ତି, ସେମାନେ ବରଗଡ଼ ଜିଲ୍ଲା ସରକାରୀ ୱେବସାଇଟ https://bargarh.odisha.gov.in/ ରେ ନିଜ ନାମକୁ ଯାଞ୍ଚ କରି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲ ସହିତ ଯୋଗାଯୋଗ କରି ନିଜ ଦରଖାସ୍ତର ସ୍ଥିତି ଜାଣିବା ନିମନ୍ତେ ଅନୁରୋଧ କରାଯାଉଅଛି ।

ରାଜସ୍ୱ ନିରୀକ୍ଷକ ଙ୍କ ନିକଟକୁ ସାକ୍ଷାତ କରିଯିବା ସମୟରେ ନିମ୍ନ ଲିଖତ ଦସ୍ତାବିଜ ଗୁଡିକ ସାଙ୍ଗରେ ଆଣିବା ବିଧେୟ ।

(୧) ଯେ କୌଣସି ପ୍ରମାଣ ପତ୍ର (ଆଧାର କାର୍ଡ/ଭୋଟର ପରିଚୟ ପତ୍ର/ଡ୍ରାଇଭିଂ ଲାଇସେନ୍ସ ଇତ୍ୟାଦି )

(୨) ଚିଟ୍ ଫଣ୍ଡ କମ୍ପାନୀ ରେ ଟଙ୍କା ଜମା ରଖିଥିବା ର ପ୍ରମାଣ ସ୍ୱରୂପ ଅସଲି ରସିଦ୍ (original money receipts).

(୩) ବ୍ୟାଙ୍କ ଖାତା ର ସବିଶେଷ ବିବରଣୀ (କେବଳ ତଦନ୍ତ କମିଶନ ନିମନ୍ତେ ପ୍ରଯୁଜ୍ୟ)

ମାନ୍ୟବର ତଦନ୍ତ କମିଶନଙ୍କ ଦ୍ୱାରା ସୁପାରିଶ ହୋଇ ଅଦ୍ୟାବଧି କ୍ଷତିପୂରଣ ପାଇ ନଥିବା ଯୋଗ୍ୟ କ୍ଷୁଦ୍ର ଜମାକାରୀ ମାନଙ୍କ ତାଲିକା ଏବଂ ଯେଉଁ ମାନଙ୍କ ର ଠିକଣା ମିଳିପାରୁ ନାହିଁ (not mapped) ମୋଟ ୪୩୧୧ ଜଣଙ୍କର ତାଲିକା ଏସହିତ ପରିଶିଷ୍ଟ-"କ" ରେ ସଂଲଗ୍ନ କରାଗଲା ।

ଗୋଲଡେନ ଲାଣ୍ଡ ଡେଭେଲପର ଗ୍ରୁପ ଅଫ୍ କମ୍ପାନିଜ ଅନ୍ତର୍ଭୁକ୍ତ କ୍ଷତିଗ୍ରସ୍ତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ମାନଙ୍କ ତାଲିକା ଏଥିସହିତ ପରିଶିଷ୍ଟ-"ଖ "ରେ ସଂଲଗ୍ନ କରାଗଲା ।

ସଂଲଗ୍ନ :- ପରିଶିଷ୍ଟ -"କ " ଓ "ଖ "

(signature) ୧୭/୧୨/୨୪

ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ତଥା
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି

ଜ୍ଞାପକ ସଂଖ୍ୟା ୧୮୪୪୧ ସା.ଓ. ବି/ତା ୧୭.୧୨.୨୦୨୪

ଏହାର ଏକକିତା ନକଲ ଅତିରିକ୍ତ ଶାସନ ସଚିବ, ଅର୍ଥ ବିଭାଗ, ଓଡ଼ିଶା ସରକାରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(signature) ୧୭/୧୨/୨୪

ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ତଥା
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି

ଜ୍ଞାପକ ସଂଖ୍ୟା ୧୮୪୪୨ ସା ଓ ବି/ ତା ୧୭.୧୨.୨୦୨୪

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ ବରଗଡ଼ /ପଦମପୁର / ଜିଲ୍ଲାର ସମସ୍ତ ତହସିଲଦାରମାନଙ୍କ ଅବଗତି ଏବଂ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକ କିତା ନକଲ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ, ବରଗଡ଼ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ତଥା
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି

ଜ୍ଞାପକ ସଂଖ୍ୟା ୧୮୪୪୩ ସା ଓ ବି/ ତା ୧୭.୧୨.୨୦୨୪

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭରନାନ୍ସ ପରିଚାଳକ,, ବରଗଡ଼ଙ୍କ ଅବଗତି ଏବଂ ଉକ୍ତ ନୋଟିସକୁ ବରଗଡ ଜିଲ୍ଲା ସରକାରୀ ୱେବସାଇଟ https://bargarh.odisha.gov.in ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ "ୱେବସାଇଟ୍ ହୋଷ୍ଟିଙ୍ଗ" କରିବାକୁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ତଥା
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି

ଜ୍ଞାପକ ସଂଖ୍ୟା ୧୮୪୪୪ ସା ଓ ବି/ ତା ୧୭.୧୨.୨୦୨୪

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକଙ୍କୁ ଜିଲ୍ଲାପାଳ,ବରଗଡ଼ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ତଥା
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି